ଶନିବାର, ୧୦ ଅଗଷ୍ଟ, ୨୦୨୪

# ପିଲାଙ୍କ ଧରିତ୍ରୀ



# ଜାତୀୟ ପତାକା..



ସ୍ୱାଧୀନତା ଦିବସ ଅବସରରେ ଚିତ୍ରକଳା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା ସ୍କୁଲରେ। ଯାହାର ବିଷୟ ଥିଲା 'ଆମର ଜାତୀୟ ପତାକା'।

ସମସ୍ତ ପ୍ରତିଯୋଗୀ ଏକରୁ ବଳି ଏକ ଜାତୀୟ ପତାକାର ଚିତ୍ର ସହିତ ତ୍ରିରଙ୍ଗାର ମହତ୍ତ୍ୱକୁ ଦର୍ଶାଇବା ପାଇଁ ଅନେକଗୁଡ଼ିଏ ସହପାର୍ଶ୍ୱଚିତ୍ର ମଧ୍ୟ ପ୍ରସ୍ତୁତ କଲେ। ଆଉ ନିର୍ଦ୍ଦେଶାନୁସାରେ ତିଆରି କରିଥିବା ଚିତ୍ର ତଳେ ବର୍ଣ୍ଣନା କରିଥିଲେ ସେହି ଚିତ୍ରର ମହତ୍ତ୍ୱ ବିଷୟରେ। ନିର୍ଣ୍ଣାୟକମଣ୍ଡଳୀ ସବୁଚିତ୍ରର ଭୂରି-ଭୂରି ପ୍ରଶଂସା କରି ଅହମ୍ମଦ ଦ୍ୱାରା ବନାଯାଇଥିବା ଚିତ୍ରକୁ ବାଛିଲେ ପ୍ରଥମ ପୁରସ୍କାର ପାଇଁ। ଅହମ୍ମଦର ନାଁ ଶୁଣି ଟିକିଏ ଆଶ୍ଚର୍ଯ୍ୟ ହୋଇଗଲେ ଅନ୍ୟ ପିଲାମାନେ। କାହିଁକି ନା ସେ ବହୁତ କମ୍ ସମୟ ଭିତରେ ଚିତ୍ର ଆଙ୍କିଦେଇ ନିର୍ଣ୍ଣାୟକମଣ୍ଡଳୀଙ୍କୁ ଦେଇଥିଲା।

ଅନ୍ୟ ପ୍ରତିଯୋଗୀଙ୍କ ଭିତରେ ଉତ୍ସୁକତା ସୃଷ୍ଟି ହୋଇଗଲା ଯେ ଅହମ୍ମଦ ଏମିତି କି ଚିତ୍ର ବନେଇଛି ଯେଉଁଥିପାଇଁ ସେ ପ୍ରଥମ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହେଲା। ହେଲେ ଯେତେବେଳେ ସେମାନେ ତା' ଚିତ୍ରକୁ ଦେଖିଲେ ତାଙ୍କର ମନଦୁଃଖ ହୋଇଗଲା। କାରଣ ସେ କେବଳ ଗୋଟିଏ ତ୍ରିରଙ୍ଗା ବନେଇଥିଲା। ପିଲାମାନଙ୍କୁ ଏମିତି ସ୍ଥିତିରେ ଦେଖି ଅଧ୍ୟକ୍ଷ ମହୋଦୟ କହିଲେ, ପିଲାମାନେ ମୁଁ ଜାଣିଛି ତୁମେମାନେ ସମସ୍ତେ ଆଶ୍ଚର୍ଯ୍ୟ ହେଉଯାଇଛ ଅହମ୍ମଦର ଚିତ୍ରକୁ ଦେଖି। କାହିଁକିନା ସେ କେବଳ ଗୋଟିଏ ତ୍ରିରଙ୍ଗା ଆଙ୍କିଛି। ହେଲେ ତାକୁ ପ୍ରଥମ ପୁରସ୍କାର ଏଥିପାଇଁ ଦିଆଯାଇଛି କାହିଁକି ନା ସେ ତ୍ରିରଙ୍ଗାର ଦଣ୍ଡକୁ ହୀରା-ମୋତିରେ ବନେଇଛି ଆଉ ସେହି ଚିତ୍ରର ମହତ୍ତ୍ୱ ବତେଇ ତଳେ ଲେଖିଛି ଯେ ଆମ ଦେଶରେ ଯେକୌଣସି ବସ୍ତୁ ମୂଲ୍ୟବାନ ହେଇଥାଉ ନା କାହିଁକି ସଦାସର୍ବଦା ଆମର ଜାତୀୟ ପତାକା ତ୍ରିରଙ୍ଗା ତା'ର ମଥା ଉପରେ ସୁଶୋଭିତ ହେଉଥିବ।

ଗପ

ମୂଳହିନ୍ଦୀ-ମୀରାଜୈନ
ଅନୁବାଦ: ମନୋଜ କୁମାର ବେହେରା
ବାୟାବାବା ମଠ ଲେନ୍, ୟୁନିଟ୍-୯, ଭୁବନେଶ୍ୱର
ମୋ: ୭୯୭୮୩୦୬୧୧

## ମତାମତ

▸▸ ଗଳ୍ପ 'ସାଙ୍ଗ ହେବ ତ ଏମିତି'ରୁ ଏହା ଶିକ୍ଷା ମିଳେ ଯେ, ଅସୁବିଧା ସମୟରେ ଯି, ସାହାଯ୍ୟ କଥା ତାକୁ ହିଁ ପ୍ରକୃତ ବନ୍ଧୁ କୁହାଯାଏ।

**– ସୋନାଲି ରାୟ, ଜଳେଶ୍ୱର, ବାଲେଶ୍ୱର**


▸▸ 'ପାଠ ଯଦି ମନେରହୁନି' ଲେଖାରୁ କେଉଁ ସବୁ ଟିପ୍ସ ଆପଣାଇଲେ ପାଠ ମନେରହିବ ସେ ସମ୍ପର୍କରେ ଜାଣିପାରିଲି।

**–ରିତେଶ ସାହୁ, ପାରଳାଖେମୁଣ୍ଡି, ଗଞ୍ଜାମ**

▸▸ 'ରଙ୍ଗିନ ଛାୟା' ପ୍ରସଙ୍ଗରୁ କିପରି ଏହି ଛାୟା ସୃଷ୍ଟି ହେଉଛି ତା' ସମ୍ପର୍କରେ ଜାଣି ହେଲା।

**–ରୀତାଞ୍ଜଳି ମହାନ୍ତି, ବୁଢ଼ାରାଜ, ସମ୍ବଲପୁର**


## ରଙ୍ଗ ଦିଅ



## ମଶା

**ବର୍ଷାଦିନେ ବହୁଳଭାବେ ବଂଶ ବିସ୍ତାର କରୁଥିବା ମଶାଙ୍କ ସମ୍ପର୍କରେ ଜାଣନ୍ତୁ କିଛି ଭିନ୍ନ କଥା।**

- ଏକ ପରିପକ୍ୱ ମଶାର ଓଜନ ପ୍ରାୟ ୨.୦ ମିଲିଗ୍ରାମ୍ ହୋଇଥାଏ।
- ୧ ସେକେଣ୍ଡରେ ମଶାର ପର ୩୦୦ ରୁ ୬୦୦ ଥର ପର୍ଯ୍ୟନ୍ତ ହଲିପାରେ।
- ମାଇ ମଶାର ପର ହଲିବା ଶବ୍ଦ ଶୁଣି ପୁରୁଷ ମଶା ତାର ଉପସ୍ଥିତିକୁ ଜାଣିପାରେ।
- ମଶାମାନେ ଘଣ୍ଟାପ୍ରତି ୧ ରୁ ୧.୫ ମାଇଲ୍ ପର୍ଯ୍ୟନ୍ତ ଉଡି ଯାଇପାରନ୍ତି।
- ଏମାନେ ସାଧାରଣତଃ ନିଜ ବାସସ୍ଥାନ ଠାରୁ ବେଶି ଦୂରକୁ ଯାଆନ୍ତି ନାହିଁ। କିନ୍ତୁ ଏକ ବିଶେଷ ପ୍ରଜାତିର ମଶା ଜୀବନକାଳ ମଧ୍ୟରେ ୭୫ ରୁ ୧୦୦ ମାଇଲ୍ ପର୍ଯ୍ୟନ୍ତ ଦୂରକୁ ଯାଇଥାନ୍ତି।
- ଶ୍ୱାସକ୍ରିୟା ମାଧ୍ୟମରେ ମଣିଷ ଛାଡୁଥିବା ଅଙ୍ଗାରକାମ୍ଳ ଗ୍ୟାସ୍‌ର ଗନ୍ଧକୁ ମଶାମାନେ ୬୦ ରୁ ୭୫ ଫୁଟ ଦୂରରୁ ଶୁଙ୍ଘି ଜାଣିପାରନ୍ତି।
- କିଛି ଲୋକଙ୍କ ପ୍ରତି ମଶା ଅଧିକ ଆକର୍ଷିତ ହୋଇଥାନ୍ତି। ଏହାର କାରଣ ସେମାନଙ୍କ ଦ୍ୱାରା ବାହାରୁଥିବା ବିଭିନ୍ନ ପ୍ରକାରର ଗନ୍ଧ ହୋଇପାରେ ବୋଲି ଅନୁମାନ କରାଯାଏ। ଏହା ବ୍ୟତୀତ 'ଓ'ଗ୍ରୁପର ବ୍ୟକ୍ତିଙ୍କ ପ୍ରତି ମଶା ଅଧିକ ଆକର୍ଷିତ ହୋଇଥାନ୍ତି।
- ପୁରୁଷ ମଶା ଲୋକଙ୍କୁ କାମୁଡନ୍ତି ନାହିଁ, କେବଳ ମାଇ ମଶା ହିଁ ସେମାନଙ୍କ ଅଣ୍ଡା ବୃଦ୍ଧି କରିବା ପାଇଁ ମଣିଷ ରକ୍ତ ଶୋଷିଥାନ୍ତି।



## ଖିଲି ଖିଲି ହସ

ଜଣେ ବ୍ୟକ୍ତି ଛୋଟେଇ ଆସୁଥିବାର ଦେଖି ଦୁଇଜଣ ଡାକ୍ତର ପରସ୍ପର ମଧ୍ୟରେ କଥାବାର୍ତ୍ତା। ପ୍ରଥମ ଡାକ୍ତର-ମୋତେ ଲାଗୁଛି ତା'ର ଗୋଡରେ ବୋଧେ କିଛି ଅସୁବିଧା ଅଛି ?

ଦ୍ୱିତୀୟ ଡାକ୍ତର: ମୋତେ ଲାଗୁଛି ତା'ର ଆଙ୍ଗୁଠି ବୋଧେ ଭାଙ୍ଗି ଯାଇଛି। ଦୁଇଜଣଙ୍କ ମଧ୍ୟରେ ଏପରି କଥାକୁ ନେଇ ଝଗଡା ହେବାରୁ ତୃତୀୟ ଡାକ୍ତର କହିଲେ-ଚାଲ ତା ନିକଟକୁ ଯିବା ତା'ର କ'ଣ ଅସୁବିଧା ହୋଇଛି ତାକୁ ପଚାରିବୁଝିବା।

ଡାକ୍ତର: ତୁମ ଗୋଡରେ କିଛି ପ୍ରୋବ୍ଲେମ୍ ଅଛି ?

ବ୍ୟକ୍ତି : ନା, ସେମିତି କିଛି ହୋଇନି, ମୋର ଚପଲ ଛିଡି ଯାଇଛି ।

ବାପା ପୁଅ ମଧ୍ୟରେ କଥାବାର୍ତ୍ତା...

ବାପା: ପୁଅ ତୋର ରେଜଲ୍ଟ କ'ଣ ହେଲା ?

ପୁଅ: ବାପା ମୋର ରେଜଲ୍ଟ ୮୦ ପ୍ରତିଶତ ଆସିଛି

ବାପା: କିନ୍ତୁ ମାର୍କସିଟ୍ ଉପରେ ୪୦ ପ୍ରତିଶତ ଲେଖା ହୋଇଛି, ହେଲେ ଆଉ ବାକି ୪୦ ପ୍ରତିଶତ କୁଆଡେ ଗଲା ?

ପୁଅ: ବାପା, ବାକି ୪୦ ପ୍ରତିଶତ ଆଧାର କାର୍ଡ ଲିଙ୍କ୍ ହେଲେ ଆସିବ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by
Sri Tathagata Satpathy on behalf of
Navajat Printers & Media Pvt.Ltd.
and printed at Navajat Printers, B-15,
Rasulgarh Industrial Estate,
Bhubaneswar-10, Ph. (0674)2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com





ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନର ଗାଥା ଚୀର ସ୍ମରଣୀୟ । ଯୁଗ ଯୁଗକୁ ତାଙ୍କର କୀର୍ତ୍ତି ଜନମାନସରେ ଗୁଞ୍ଜରିତ ହେଉଥିବ। ଏମିତି ଏକ ଉଦେଶ୍ୟ ନେଇ ପାଳନ ହୁଏ ଅଗଷ୍ଟ ପନ୍ଦର। ସ୍ୱାଧୀନଚେତାରେ ଉଦ୍‌ବୁଦ୍ଧ ହେବା ପାଇଁ କିଏ ସ୍ୱାଧୀନତା ସଂଗ୍ରାମର ନାଟକ କରନ୍ତି ତ କେଉଁଠି ପିଲାମାନେ ଭିନ୍ନ ଭିନ୍ନ ବେଶ ଧାରଣ କରି ସଂଗ୍ରାମୀଙ୍କୁ ମନେ ପକାନ୍ତି।

# ସହିଦ ସ୍ମରଣେ

ସ୍ୱାଧୀନ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ବହୁ ସଂଗ୍ରାମୀ ସେମାନଙ୍କ ପ୍ରାଣବଳି ଦେଇଛନ୍ତି। ସେମାନଙ୍କ ଜୀବନବ୍ୟାପୀ ସଂଗ୍ରାମ ଓ ବଳିଦାନକୁ ସ୍ମରଣ କଲେ ଆଜିବି ଲୋମ ଟାଙ୍କୁରି ଉଠେ। ତେଣୁ ଶହୀଦମାନଙ୍କୁ ସ୍ମରଣ କରିବା ସହ ସେମାନଙ୍କ ବିଷୟରେ ଲୋକଙ୍କୁ ଜଣାଇବା ପାଇଁ ସ୍କୁଲ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ କରିଥାନ୍ତି ପିଲାମାନେ। ବିଶେଷକରି ସ୍ୱାଧୀନତା ଦିବସରେ ଛାତ୍ରୀଛାତ୍ରଙ୍କ ମଧ୍ୟରୁ କେତେକ ନିଜକୁ ବିଭିନ୍ନ ସ୍ୱାଧୀନତା ସଂଗ୍ରାମୀଙ୍କ ବେଶରେ ସଜାଇଥାନ୍ତି। ଏମିତିଭାବେ ସଜେଇ ହୋଇ ସେମାନେ ସମାଜକୁ ସ୍ୱତନ୍ତ୍ର ବାର୍ତ୍ତା ଦେବାକୁ ଚାହାନ୍ତି। କେବଳ ସେତିକି ନୁହେଁ ଶହୀଦମାନଙ୍କ ଜୀବନୀକୁ ନେଇ ଅନେକ ସ୍ଥାନରେ ପିଲାମାନେ ସ୍ୱତନ୍ତ୍ର ନାଟକ ଅଭିନୟ କରିଥାନ୍ତି। ଏଭଳି ଭାବରେ ଭିନ୍ନ ଭିନ୍ନ ଢଙ୍ଗରେ ଶହୀଦଙ୍କୁ ମନେପକାଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥାନ୍ତି।

## ଗାନ୍ଧୀଙ୍କ ଭଳି



ପ୍ରତିବର୍ଷ ଅଗଷ୍ଟ ପନ୍ଦରରେ ମୁଁ ଗାନ୍ଧୀଙ୍କ ଭଳି ବେଶ ହୋଇ ସ୍କୁଲକୁ ଯାଇଥାଏ। ସବୁ ବର୍ଷ ଏମିତି ବେଶ ହେଉଥିବାରୁ ଏବେ ମତେ କଷ୍ଟ୍ୟୁମ ଯୋଗାଡ କରିବାରେ ଅସୁବିଧା ହେଉ ନାହିଁ। ପ୍ରାୟ ସବୁ ପ୍ରକାରର ପୋଷାକ ଘରେ ମାମା ପାଖରେ ରହିଛି। ଗାନ୍ଧୀ ପିନ୍ଧୁଥିବା ଭଳି ଧୋତି, ଚଷମା, ବାଡି ଓ ମୁଣ୍ଡ ଲଣ୍ଡା ଦେଖାଯିବା ପାଇଁ ଏକ ଟୋପି ମଧ୍ୟ ଅଛି। ଯଦି ବି କିଛି ମିଳେନି ତେବେ ଘରପାଖରେ ଥିବା ଚିତ୍ରାଳୟରୁ ବାବା ନେଇ ଆସନ୍ତି। ତେଣୁ ଏହି ବେଶ ହେବା ମୋ ପାଇଁ ଖୁବ୍ ସହଜ। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ସାରା ବିଶ୍ୱରେ ଅମର ହୋଇ ରହିଛି। ତାଙ୍କର ଅସାଧାରଣ ପ୍ରତିଭା ଓ ତ୍ୟାଗ କଥା ମନେପଡିଲେ ତାଙ୍କ ଭଳି ଜଣେ ବୀରପୁତ୍ର ଆମ ଭାରତ ମାଟିରେ ଜନ୍ମ ନେଇଥିଲେ ବୋଲି ଭାବି ଗର୍ବରେ ଛାତି ଫୁଲି ଉଠେ। ତାଙ୍କ ପ୍ରତି ଯେଉଁ ସ୍ୱତନ୍ତ୍ର ସମ୍ମାନ ରହିଛି ସେସମ୍ପର୍କରେ ଲୋକଙ୍କୁ ଜଣାଇବା ପାଇଁ ତାଙ୍କ ଭଳି ବେଶ ହେବା ମୋର ଏକ ଛୋଟ ପ୍ରୟାସ।

– **ତ୍ରିପୁର ବିଜୟୀ ମହାନ୍ତି,** କ୍ଲାସ–୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସତ୍ୟବିହାର, ଭୁବନେଶ୍ୱର

## ସୈନିକ ବେଶରେ



ସବୁ ବର୍ଷ ଆମ ସ୍କୁଲରେ ଅଗଷ୍ଟ ପନ୍ଦରକୁ ଧୁମଧାମ୍‌ରେ ପାଳନ କରାଯାଏ। ପତାକା ଉତ୍ତୋଳନ ପରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ହୁଏ। ଆଉ ସବୁଠୁ ବେଶି ଆକର୍ଷଣ ଥାଏ ପିଲାଙ୍କର ବିଭିନ୍ନ ସ୍ୱାଧୀନତା ସଂଗ୍ରାମୀଙ୍କ ବେଶ। ଏଥର ମୁଁ ଜଣେ ସୈନିକ ଭଳି ବେଶ ହୋଇ ସ୍କୁଲକୁ ଯିବି। ମୋ କ୍ଲାସର ଅନ୍ୟ ସାଙ୍ଗମାନେ ବିଭିନ୍ନ ସଂଗ୍ରାମୀଙ୍କ ଭଳି ସଜ ହୋଇ ଯିବେ। ଦେଶର ଜାଗ୍ରତ ପ୍ରହରୀ ସୈନିକ ବେଶ ପାଇଁ ମୋର ଅଲଗା ଡ୍ରେସ ଚିତ୍ରାଳୟରୁ ଆସିଛି। ଦେଶକୁ ସୁରକ୍ଷା ଦେବାପାଇଁ ସୈନିକମାନଙ୍କ ଭୂମିକାକୁ କେହି ଭୁଲି ପାରିବେ ନାହିଁ। ସେମାନେ ଶତ୍ରୁମାନଙ୍କୁ ମୁକାବିଲା କରି ଅନେକ ସମୟରେ ଶହୀଦ ହୋଇଯାନ୍ତି। ସେଭଳି ବୀରମାନଙ୍କ ସକାଶେ ସମସ୍ତଙ୍କ ମୁଣ୍ଡ ନଇଁଯାଏ। ସେଥିପାଇଁ ସୈନିକ ବେଶରେ ସ୍କୁଲକୁ ଯିବାଲାଗି ସ୍ଥିର କରିଛି। ଏମିତି ବେଶ ହୋଇ ଗତ ବର୍ଷ ବି ଯାଇଥିଲି।

**–ତୋଷାଳି ପ୍ରିୟଦର୍ଶିନୀ ନାୟକ,** କ୍ଲାସ– ୬, ଭିସ୍ତା ଇଣ୍ଟର ନ୍ୟାଶନାଲ ସ୍କୁଲ, ହାଇଦ୍ରାବାଦ

## ମଞ୍ଚସ୍ଥ ହେବ ନାଟକ



ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନକୁ ନେଇ ଆମ ସ୍କୁଲରେ ଏକ ଛୋଟିଆ ନାଟକ ପ୍ରଦର୍ଶନ କରିବା ପାଇଁ ଯୋଜନା କରିଛୁ। ସେଥିପାଇଁ ଆମେ ବିଭିନ୍ନ କ୍ଲାସର ପିଲାମାନେ ଅଗଷ୍ଟ ପନ୍ଦର ଦିନ ଭିନ୍ନ ଭିନ୍ନ ସ୍ୱାଧୀନତା ସଂଗ୍ରାମୀଙ୍କ ବେଶ ହେବୁ। ୧୦ ଦିନ ହେଲାଣି ଏଥିପାଇଁ ଅଭ୍ୟାସ ବି କରୁଛୁ। ପ୍ରତିବର୍ଷ ଭଳି ସ୍ୱାଧୀନତା ଦିବସ ପାଳନ କରିବା ପାଇଁ ପ୍ରଥମେ ପତାକା ଉତ୍ତୋଳନ ହେବ। ପରେ ମଞ୍ଚରେ ଥିବା ଅତିଥିଙ୍କ ଭାଷଣ ଆଉ ପିଲାଙ୍କ ଭାଷଣ ଦିଆଯିବ। ଶେଷରେ ମଞ୍ଚ ଉପରେ ନାଟକ ପ୍ରଦର୍ଶିତ କରିବାକୁ ଚିନ୍ତା କରିଛୁ। ନାଟକ ମଞ୍ଚସ୍ଥ ହେବା ପରେ ଆମ ଦେଶର ଏକତାକୁ ଦର୍ଶାଇବା ପାଇଁ ବିଭିନ୍ନ ରାଜ୍ୟର ସ୍ୱତନ୍ତ୍ରତା ଥିବା ବେଶପୋଷାକରେ ପିଲାମାନେ ପତାକା ଧରି ଏକ ନୃତ୍ୟ ବି ପରିବେଷଣ କରିବେ। ସେଥିପାଇଁ କେତେକ ପିଲା ଦକ୍ଷିଣ ଭାରତୀୟ ପୋଷାକ ତ କେତେଜଣ ଗୁଜରାଟୀ, ମରାଠା ଏମିତି ଭିନ୍ନ ଭିନ୍ନ ଭାଷାଭାଷୀଲୋକଙ୍କ ଭଳି ପୋଷାକ ପିନ୍ଧି ସ୍କୁଲକୁ ଆସିବେ। କାର୍ଯ୍ୟକ୍ରମ ଶେଷରେ ମିଠା ଓ ବିସ୍କୁଟ ଖାଇ ଘରକୁ ଫେରିବୁ।

– **ତନ୍ମୟ ପଣ୍ଡା,** କ୍ଲାସ– ୮, ଲଜପତ୍ ରାୟ ଡିଏଭି ପବ୍ଲିକ ସ୍କୁଲ, ସିଡିଏ, କଟକ

## ରାଣୀ ଲକ୍ଷ୍ମୀବାଈ



ରାଣୀ ଲକ୍ଷ୍ମୀବାଈଙ୍କ ଜୀବନାଦର୍ଶ ମତେ ଖୁବ୍ ପ୍ରଭାବିତ କରେ। ସେଥିପାଇଁ ସାର୍‌ଙ୍କୁ କହି ମୁଁ ଲକ୍ଷ୍ମୀବାଈଙ୍କ ଭଳି ବେଶରେ ସ୍କୁଲ୍‌କୁ ଯିବି। ଏହି ବେଶରେ ସ୍କୁଲରେ ମୁଁ ତାଙ୍କ ସମ୍ପର୍କରେ ବି ଭାଷଣ ଦେବି। ସେଥିପାଇଁ ପୂରା ପ୍ରସ୍ତୁତ ହୋଇସାରିଛି। ମାମା ମୋ ପାଇଁ ସବୁ ପୋଷାକ ଚିତ୍ରାଳୟରୁ ଆଣିଛନ୍ତି, ସେ ବି ମୋ ସହିତ ସ୍କୁଲକୁ ଯିବେ। ସେଠି ମତେ ସବୁ ପିନ୍ଧାଇ ଦେଇ ଲକ୍ଷ୍ମୀବାଈଙ୍କ ଭଳି ସଜାଇ ଦେବେ। ଅଗଷ୍ଟ ପନ୍ଦର ଦିନ ସମସ୍ତେ ଏମିତି ସ୍ୱାଧୀନତା ସଂଗ୍ରାମୀଙ୍କ ଭଳି ବେଶରେ ଗଲେ ଗୋଟେ ଅଲଗା ଅନୁଭବ ହୋଇଥାଏ। ଆଉ ରାସ୍ତାରେ ଗଲାବେଳେ ଲୋକେ ଆମକୁ ଚାହିଁ ରହିଥାନ୍ତି। ତା' ଛଡା ସେମାନଙ୍କ ବିଷୟରେ ସମସ୍ତଙ୍କ ଭାଷଣ ଶୁଣିବା ପରେ ଦେଶପ୍ରେମ ଭାବନାରେ ମନ ଆନ୍ଦୋଳିତ ହୋଇଯାଏ।

**–ସାଇନା ମହାନ୍ତି,** କ୍ଲାସ– ୩, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସତ୍ୟ ବିହାର, ଭୁବନେଶ୍ୱର




୧



୨



୩


୪




୫


୬


୭


୮


୯


୧୦


୧୧

୧


**ତନ୍ଵୀ ଛତର୍**
କ୍ଲାସ–୧, ଜି.ଡି
ଗୋଏଙ୍କା
ପବ୍ଲିକ ସ୍କୁଲ,
ଭୁବନେଶ୍ୱର

୨

**ସୁମୟା ଖାତୁନ୍**
କ୍ଲାସ–୩, ଡିଏଭି
ପବ୍ଲିକ ସ୍କୁଲ,
ୟୁନିଟ–୮,
ଭୁବନେଶ୍ୱର


୩


**ଅକ୍ସିତା ସାହୁ**
କ୍ଲାସ– ୪, ଡ୍ରିମ୍
ଇଣ୍ଡିଆ ସ୍କୁଲ,
ଘାଟିକିଆ,
ଭୁବନେଶ୍ୱର

୪

**ପ୍ରିନ୍ସ ଶିଶୁ**
କ୍ଲାସ– ୪, ବିକାଶ
ଗ୍ଲୋବାଲ ସ୍କୁଲ,
ଖଣ୍ଡଗିରି,
ଭୁବନେଶ୍ୱର


୫


**ବେଦାର୍ଥ ଦାସ**
କ୍ଲାସ– ୪,
ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର,
ଭୁବନେଶ୍ୱର

୬

**ମନଭିକ ମହାନ୍ତି**
କ୍ଲାସ– ୩,
ପ୍ରଭୁଜୀ ଇଂଲିଶ
ମିଡିୟମ୍ ସ୍କୁଲ,
ଭୁବନେଶ୍ୱର


୭


**ଦିବ୍ୟାଂଶ ପାତ୍ର**
କ୍ଲାସ– ୨,
ରେଗାଲ ପବ୍ଲିକ ସ୍କୁଲ,
ଡୁମୁଡୁମା,
ଭୁବନେଶ୍ୱର

୮

**ସୁମିତ୍ରା ମଲ୍ଲିକ**
କ୍ଲାସ– ୫, ଆରତୀ ଦେବୀ
ମୂକ ବଧିର ବିଦ୍ୟାଳୟ,
ମାର୍ଶାଘାଇ,
କେନ୍ଦ୍ରାପଡା


୯


**ପ୍ରବୀର ମିଶ୍ର**
କ୍ଲାସ–୨, ଲୟେଲା
ସ୍କୁଲ,
ଭୁବନେଶ୍ୱର

୧୦

**ଆଦିତ୍ୟ ପଲାଇ**
କ୍ଲାସ– ୪, ଡିଏଭି
ପବ୍ଲିକ ସ୍କୁଲ,
କଳିଙ୍ଗ ନଗର,
ଭୁବନେଶ୍ୱର


୧୧


**ଆଦିତ୍ୟାଂଶୁ
ରାଉତରାୟ,**
କ୍ଲାସ–୧, ବିଜେଇଏମ୍
ସ୍କୁଲ,
ଭୁବନେଶ୍ୱର

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ




# ୧ ମିନିଟ୍‌ରେ ତାଳି

ବିଭିନ୍ନ ସମୟରେ ଆମର ତାଳି ମାରିବାର ଅନୁଭୂତି ରହିଛି। କେବେ ଅଭିନନ୍ଦନ ପାଇଁ ତ କେବେ ଖୁସିରେ ଅବା କେବେ ଉତ୍ସାହିତ କରିବା ପାଇଁ ଲୋକେ ତାଳି ମାରନ୍ତି। କିନ୍ତୁ ଏହି ତାଳି ମାରି କେତେକ ରେକର୍ଡ ବି କରିପାରନ୍ତି। ଏହାର ଏକ ଉଦାହରଣ ହେଉଛନ୍ତି ଆମେରିକାର ଡାଲଟନ୍ ମେୟର। ଜାଣିଲେ ହୁଏତ ଆଶ୍ଚର୍ଯ୍ୟ ଲାଗିବ କି ମାତ୍ର ଏକ ମିନିଟରେ ସେ ୧,୧୪୦ ଥର ତାଳି ମାରି ପାରୁଥିବାରୁ ତାଙ୍କୁ ଗିନିଜ୍ ରେକର୍ଡରେ ସ୍ଥାନ ମିଳିଛି। ଏକ ମିନିଟରେ ଏତେ ଥର ତାଳି ମାରିବା ପାଇଁ ସେ ଦୀର୍ଘଦିନରୁ ଅଭ୍ୟାସ କରୁଥିଲେ। ସ୍କୁଲରେ ପଢିବା ସମୟରେ ସେ 'ତାଳି ମାରି ଗିନିଜ୍ ରେକର୍ଡ' କଥା ଜାଣିବାକୁ ପାଇଥିଲେ। ଆଉ ଶୀଘ୍ର ଶୀଘ୍ର ତାଳି ମାରିବା ପାଇଁ ତାଙ୍କୁ ବହୁତ ଭଲ ଲାଗୁଥିଲା। ଏହାପରେ ଶୀଘ୍ର ତାଳି ମାରିବା ଲାଗି ସେ ଅଭ୍ୟାସ କରିଥିଲେ। ଏହି ଅଭ୍ୟାସ ତାଙ୍କୁ ଧୀରେ ଧୀରେ ଏକ ପରିଚୟ ଦେଇଥିଲା। ବିଶ୍ୱର ଶ୍ରେଷ୍ଠ କ୍ଲାପର (ତାଳିମାରୁଥିବା ବ୍ୟକ୍ତି) ଭାବେ ୨୦୨୨ ମାର୍ଚ୍ଚ ମାସରେ ସେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଥିଲେ।

# ଏଥରର ?

- ଜାପାନରେ କେଉଁ ମୁଦ୍ରା ପ୍ରଚଳିତ ?
- ନୋବେଲ ବିଜେତା ପ୍ରଥମ ମହିଳା ?
- ସର୍ବାଧିକ କଫି ଉତ୍ପାଦନକାରୀ ଦେଶ ?
- ଆଣ୍ଟଲାଟିକ୍ ମହାସାଗର ଉପରେ ଏକୁଟିଆ ଉଡ଼ିଥିବା ପ୍ରଥମ ମହିଳା ?
- ଗଛର ପତ୍ରରେ ସୂର୍ଯ୍ୟକିରଣ ସାହାଯ୍ୟରେ କେଉଁ ପ୍ରକ୍ରିୟାରେ ଖାଦ୍ୟ ପ୍ରସ୍ତୁତ ହୋଇଥାଏ ?

## ଗତଥରର ଉ ତ୍ତ ର

- ୧୦୦ ଡିଗ୍ରୀ ସେଲ୍‌ସିୟସ
- ଜେମ୍ସ କାମେରନ୍
- ମାଇକେଲ୍ ଜ୍ୟାକସନ୍
- ଇନ୍ ସର୍ଚ୍ଚ ଅଫ୍ ଲଷ୍ଟ ଟାଇମ୍
- ଥୋମାସ୍



## କହିଲ ଦେଖି

ମନରେ ମନ
ନବ ଭାରତର ଜନମ ଦିନ
ମୁକତି ଲଭିଲେ ଦେଶ ସନ୍ତାନ,
ଆମେ ତ ବାଛିଲେ ଆମରି ରାଜା
ଫରଫର ହୋଇ ଉଡ଼ିଲା ଧ୍ୱଜା,
କୁହ ପିଲେ ଭଏ କେଉଁ ଦିବସ
ଖୁସିରେ ସଭିଏଁ ପାଳିବା ଆସ।



**ଉତ୍ତର – ସ୍ୱାଧୀନତା ଦିବସ**

ହିମାଳୟଠାରୁ କୁମାରିକା ଯାଏ
ମାଆର ପଣତ ଲମ୍ବି ରହିଥାଏ,
ଯୋଗାଉଛି ଦାନାପାଣି
ଏହାର ଏକତା ରକ୍ଷା କରୁଥିବା,
ସୈନିକ ଛାତିରେ ଦମ୍ଭ ଭରୁଥିବା
କୁହ ନାମ ଥିଲେ ଜାଣି।



**ଉତ୍ତର – ଭାରତମାତା**

ତ୍ୟାଗ ଓ ସାହସ ସତ୍ୟ, ଶାନ୍ତି, ଯଶ
ସମୃଦ୍ଧି, ବିଶ୍ୱାସ ସୂଚନା ଦିଏ,
ମୁକ୍ତ ଭାରତର ଯଶ କୀର୍ତ୍ତି ପାଇଁ
ଏକତା ମନ୍ତ୍ରର ପ୍ରତୀକ ଭଏ,
କିଏରେ କିଏ,
ଫରଫର ଉଡ଼ି, ଦେଶପ୍ରେମ ଗୀତି ଗାଏ।



**ଉତ୍ତର– ତ୍ରିରଙ୍ଗା ପତାକା**

ଖାଲି ସାଧାରଣ ସଙ୍ଗୀତଟେ ନୁହେଁ
ଆମ ଦେଶ ଜାତି ଗୌରବ,
ବିଶ୍ୱ କବି ଲେଖା ହୋଇଥାଏ ଗାନ
ହୋଇଲେ ଜାତୀୟ ପରବ,
ସଙ୍ଗୀତର ନାମ କୁହ,
ଦେଶପ୍ରେମୀ ବୀର ହୁଅ।



**ଉତ୍ତର– ଜାତୀୟ ସଙ୍ଗୀତ**

**– କବିଜ୍ୟୋତି ନିରଞ୍ଜନ ପତି**
ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ: ୯୯୩୮୧୩୩୫୫୯



# କ ବି ତା

## ଗାଇବା ମୁକତି ଗୀତ

କେତେ ଦୁଃଖ ସହି ବୀର ସୁପୁରୁଷ
ଖାଇ ଚାବୁକର ମାଡ଼
କରିଛନ୍ତି ଆମ ଦେଶକୁ ସ୍ୱାଧୀନ
ଦେଇ ଲହୁ ଲୁହ ହାଡ଼।
ବାପୁଙ୍କ ଡାକରେ ହେଇ ଏକମେଳି
ଅହିଂସା ପଥରେ ଲଢ଼ି
ଆମ ସ୍ୱାଧୀନତା ଆମ ହାତେ ଦେଇ
ପାରିଛନ୍ତି ଦେଶଗଢ଼ି।
ସ୍ୱାଧୀନ ଦେଶର ପୁଅ ଝିଅ ଆମେ
ରଖିବା ଦେଶର ଟେକ
ଭୁଲି ଭେଦଭାବ ଚଳାଇବାନା
ସଭିଏଁ ହୋଇକି ଏକ।
ଗାନ୍ଧୀ ଗୋପବନ୍ଧୁ ନୀତି ଅନୁସରି
କରିବା ଦେଶର ହିତ
ଅଗଷ୍ଟପନ୍ଦର ପରବ ଆମର
ଗାଇବା ମୁକତି ଗୀତ।

**– ପ୍ରଶାନ୍ତ କୁମାର ଦାଶ**
କୁଞ୍ଜର ସଙ୍ଗଳାଇ, ପିପିଲି, ପୁରୀ
ମୋ: ୯୬୬୮୮୨୨୧୯୦

## ଅଗଷ୍ଟ ପନ୍ଦର

ଆସୁଚି ଅଗଷ୍ଟ ପନ୍ଦର
ମୁକତିର ଦିନ ଚିର ମହୀୟାନ
ପରବଟି ଆମ ସୁନ୍ଦର।
ସୁନ୍ଦର ଆମ ଏ ପରବ
ଦେଇଚି ଏକତା ଆଣିଚି ସମତା
ଜାତି ଗଉରବ,ଗରବ।
ଗରବ ଦେଶବାସୀ ପାଇଁ
ସତ ଅନୁସରି ଅହିଂସା ପଥକୁ
କେବେବି ଭୁଲିବା ନାଇଁ।
ଭୁଲିବା ନାଇଁ ଏ କଥାକୁ
ବଇରି ସହିତ ଯୁଝି ଚାଲୁଥିବା
ଉଚ୍ଚ କରି ଆମ ମଥାକୁ।

**– ପ୍ରଫୁଲ୍ଲ ଚନ୍ଦ୍ର ବାରିକ**
ବେଦବ୍ୟାସ, ରାଉରକେଲା
ମୋ: ୯୦୯୦୩୩୦୮୫୯

## ଆମେ ନାଉରୀ

ଆମ ଦେଶେ ଥିଲା ଫିରିଙ୍ଗି ଶାସନ,
ଆମେ ଥିଲୁ ସେମାନଙ୍କ ଅଧୀନ।
ଗାନ୍ଧୀ ଗୋପବନ୍ଧୁ ସଂଗ୍ରାମୀଙ୍କ ମେଳେ,
ଭାରତବାସୀ ଏକାଠି ହେଲେ।
ପ୍ରଚାର ହେଲା ଅହିଂସା ବାରତା,
ସଶକ୍ତ ହେଲା ଆମ ଏକତା।
ଫିରିଙ୍ଗି ଦେଖିଲେ ଆମର ଶକତି,
ପରାଧୀନତାରୁ ମିଳିଲା ମୁକତି।
ଆଜି ଆମ ହାତେ ଶାସନ ଡୋରି,
ଆମରି ନାଆର ଆମେ ନାଉରୀ।

**– ତସନିମ୍ ସୁଲତାନା**
କାକଟପୁର, ପୁରୀ

## ସ୍ୱାଧୀନତା ଜିନ୍ଦାବାଦ

ଅଗଷ୍ଟ ପନ୍ଦର ହେଲା,
ଭାରତ ଗୌରବ ଦିବସ ଏଇରେ
ସ୍ୱାଧୀନ ଦିବସ ପରା।
ପୂଜ୍ୟ ଶହୀଦଙ୍କ ସ୍ମୃତି ତର୍ପଣରେ
ବିଭୋର ଭାରତବାସୀ,
ତ୍ରିରଙ୍ଗା ଉଡ଼ାଇ ଶପଥ ନିଅନ୍ତି
ପ୍ରତି ପ୍ରାଣେ ଭରା ଖୁସି।
ସୁନାର ଭାରତ ଗଢ଼ିଦେଲୁ ଆମେ
ଚକିତ ଜଗତବାସୀ,
ବିଜ୍ଞାନ ପ୍ରଗତି ଉନ୍ନତି ଆଣିଲୁ
ଭାରତବାସୀ ସାହସୀ।
କୁମାରିକାଠାରୁ କଶ୍ମୀର ଯାଏ
ଏକତା ଆମର ମନ୍ତ୍ର,
ବାପୁଜୀ,ଚାଚାଜୀ,ନେତାଜୀ ସ୍ମରରେ
ସାଇତିବା ଗଣତନ୍ତ୍ର।



**– ଶିବ ପ୍ରସାଦ ରାଉତ**
ବଛଦା, ବାସୁଦେବପୁର, ଭଦ୍ରକ
ମୋ: ୮୧୪୪୨୨୮୧୧୫

ବିଭିନ୍ନ ଦେଶର ଚାଲିଚଳଣି, ଭାଷା, ପୋଷାକରେ ଭିନ୍ନତା ଦେଖିବାକୁ ମିଳିଥାଏ। ଏସବୁ ସତ୍ତ୍ୱେ ଅନେକ ଦେଶ ମଧ୍ୟରେ ବନ୍ଧୁତା ଏବେ ମଧ୍ୟ ଅତୁଟ ରହିଛି। ଏଭଳି କେତେକ ପ୍ରମୁଖ ଦେଶ ଏବଂ ସେଠାକାର ଜାତୀୟ ଫୁଲ ସମ୍ପର୍କରେ ସୂଚନା.....





# ବିଭିନ୍ନ ଦେଶର ଜାତୀୟ ଫୁଲ



**ଭାରତ :** ଆମ ଦେଶ ହେଉଛି କଳା ସଂସ୍କୃତିର ଦେଶ। ବାରମାସରେ ତେରପର୍ବ। ଆମ ଦେଶର ଜାତୀୟ ଫୁଲ ଭାବରେ ପଦ୍ମ ପରିଚିତ। ଏହି ଫୁଲଟି ଗାଡିଆ,ପୋଖରୀରେ ଫୁଟିଥାଏ।

**ଅଷ୍ଟ୍ରେଲିଆ :** ଗୋଲ୍‌ଡେନ ୱାଟେଲକୁ ଅଷ୍ଟ୍ରେଲିଆର ଜାତୀୟ ଫୁଲ କୁହାଯାଏ। ଏହି ଫୁଲଟିର ରଙ୍ଗ ହଳଦିଆ।

**ଫିନ୍‌ଲାଣ୍ଡ-ଯୁଗୋସ୍ଲୋଭିଆ:** ଲିଲି ଫୁଲକୁ ଫିନ୍‌ଲାଣ୍ଡ ଏବଂ ଯୁଗୋସ୍ଲୋଭିଆରର ଜାତୀୟ ଫୁଲ କୁହାଯାଏ। ଏହି ଫୁଲଟିର ବାସ୍ନା ମନ ମୁଗ୍ଧକର।

**ହଲାଣ୍ଡ-ହଙ୍ଗେରୀ-ତୁର୍କୀ :** ଟୁଲିପ୍ ଫୁଲକୁ ହଲାଣ୍ଡ, ହଙ୍ଗେରୀ,ତୁର୍କୀର ଜାତୀୟ ଫୁଲ ଭାବରେ ଅଭିହିତ କରାଯାଏ।

**ପାକିସ୍ତାନ-ସିରିଆ :** ଜସ୍ମିନ୍ ଫୁଲକୁ ପାକିସ୍ତାନ ଏବଂ ସିରିଆର ଜାତୀୟ ଫୁଲ କୁହାଯାଏ। ଏହା ଦେଖିବାକୁ ଧଳା ରଙ୍ଗର ଏବଂ ବାସ୍ନା ବହୁତ ଭଲ।

**ୟୁକ୍ରେନ୍ :** ସନ୍‌ଫ୍ଲାୱାର ଫୁଲକୁ ୟୁକ୍ରେନ୍‌ର ଜାତୀୟ ଫୁଲ କୁହାଯାଏ।

**ହଂକଂ-ହଣ୍ଡୁରାସ :** ଅର୍କିଡ୍ ହଣ୍ଡୁରାସ ଏବଂ ହଂକଂର ଜାତୀୟ ଫୁଲ ରୂପେ ପରିଚିତ।

**ଜାପାନ :** ଜାପାନ ଏଭଳି ଏକ ଦେଶ ଯାହାର ଦୁଇଟି ଜାତୀୟ ଫୁଲ ଅଛି। ସେହି ଫୁଲ ଦ୍ୱୟ ହେଲା-ଚେରି ବ୍ଲସମ୍ ଏବଂ କ୍ରିସାନ୍ଥମମ୍। କ୍ରିସାନ୍ଥମମ୍ ଜାପାନର ରାଜ ପରିବାରର ଜାତୀୟ ଫୁଲ। 'ଖୁସିର ପର୍ବ' (ଫେଷ୍ଟିଭାଲ ଅଫ୍ ହାପିନେସ୍)ରେ ଏହାକୁ ବହୁଳ ଭାବରେ ବ୍ୟବହାର କରାଯାଇଥାଏ।

**ଅଷ୍ଟ୍ରିଆ :** ଏଡେଲଉଇସ୍ ଅଷ୍ଟ୍ରିଆର ଜାତୀୟ ଫୁଲ। ବିଶେଷଭାବରେ ପାହାଡ଼, ପର୍ବତରେ ଏହି ଫୁଲ ଅଧିକ ପରିମାଣରେ ଫୁଟିଥାଏ। ଅତୀତରେ ଏହି ଫୁଲକୁ ତଳିପେଟ ଜନିତ ରୋଗ ଏବଂ ଶ୍ୱାସକ୍ରିୟା ସମସ୍ୟାରୁ ଉପଶମ ପାଇବା ପାଇଁ ବ୍ୟବହାର କରାଯାଉଥିଲା।

**ଦକ୍ଷିଣ ଆଫ୍ରିକା :** ପ୍ରୋଟିଆ ଦକ୍ଷିଣ ଆଫ୍ରିକାର ଜାତୀୟ ଫୁଲ ଭାବରେ ପରିଚିତ। ବିଭିନ୍ନ ରଙ୍ଗରେ ଫୁଟୁଥିବା ଏହି ଫୁଲଗୁଡ଼ିକ ମଧ୍ୟରୁ ଗୋଲାପି ରଙ୍ଗର ଫୁଲର ଚାହିଦା ଅଧିକ। ଏହା ହେଉଛି ଦକ୍ଷିଣ ଆଫ୍ରିକାର ଏକ ସର୍ବପ୍ରାଚୀନ ଫୁଲ।



**ବେଲିଜ :** ମଧ୍ୟ ଆମେରିକାର ପୂର୍ବତଟରେ ଏହି ଦେଶଟି ଅବସ୍ଥିତ। ଉକ୍ତ ଦେଶର ଜାତୀୟ ଫୁଲ ହେଉଛି ବ୍ଲାକ୍ ଅର୍କିଡ୍।

**କଲମ୍ବିଆ :** କ୍ରୀସ୍‌ମସ୍ ଅର୍କିଡ୍ କଲମ୍ବିଆର ଜାତୀୟ ଫୁଲ। ଏପରି କି ଏହି ଫୁଲକୁ ଉକ୍ତ ଦେଶର ଜାତୀୟ ପତାକାରେ ମଧ୍ୟ ସ୍ଥାନିତ କରାଯାଇଛି।

**ଗ୍ରୀସ୍ :** ବିୟର୍ସ ବ୍ରିଚ୍‌କୁ ଗ୍ରୀସ୍‌ର ଜାତୀୟ ପୁଷ୍ପ ଭାବରେ ଗ୍ରହଣ କରାଯାଇଛି। କେବଳ ସେତିକି ନୁହେଁ, ଏହି ଦେଶର ଜାତୀୟ ସ୍ତମ୍ଭର ଚାରିପଟରେ ବେଶ୍ ସୁନ୍ଦର ଭାବରେ ଉକ୍ତ ଫୁଲକୁ ଚିତ୍ରିତ କରାଯାଇଛି।

**ରୁଷିଆ :** ରୁଷିଆର ଜାତୀୟ ଫୁଲ କାମୋମାଇଲ୍। ଏହା ଏକ ଔଷଧୀୟ ଫୁଲ ଭାବରେ ମଧ୍ୟ ପରିଚିତ। ଏହି ଫୁଲ ରୁଷିଆର ଚାରିଆଡ଼େ ଦେଖିବାକୁ ମିଳିଥାଏ।

**ସ୍କଟ୍‌ଲାଣ୍ଡ :** ସ୍କଟ୍‌ଲାଣ୍ଡର ଜାତୀୟ ଫୁଲ ଭାବରେ ଥିଷ୍ଟଲକୁ ଗ୍ରହଣ କରାଯାଇଛି। ଏହି ଦେଶରେ ଉକ୍ତ ଫୁଲଟି ବେଶ୍ ଜନାଦୃତ।

**ସ୍ଲୋଭାକିଆ :** ଜାପାନିଜ୍ ରୋଜ ହେଉଛି ସ୍ଲୋଭାକିଆର ଜାତୀୟ ଫୁଲ। ଏହାକୁ କେବଳ ଏହି ଦେଶରେ ସ୍ନେହ, ପ୍ରେମ କିମ୍ବା ସୁନ୍ଦରତାର ପ୍ରତୀକ ଭାବରେ ଗ୍ରହଣ କରାଯାଇ ନ ଥାଏ, ତା' ସହ ଯୁଦ୍ଧ ଏବଂ ରାଜନୀତିରେ ଏହା ମଧ୍ୟ ପ୍ରତୀକ।

**ଇଥିଓପିଆ :** ଇଥିଓପିଆର ଜାତୀୟ ଫୁଲକୁ ଆରମ୍ ଲିଲି ବା କାଳା ଲିଲି ବୋଲି ସମ୍ବୋଧନ କରାଯାଏ। ଏହି ଫୁଲଟି ମାଟିଠାରୁ ୨-୩ ଫୁଟ ଉଚ୍ଚରେ ଫୁଟିଥାଏ। ଉକ୍ତ ଗଛର ପତ୍ରଗୁଡ଼ିକ ଚଉଡ଼ା ଏବଂ ସବୁଜ ରଙ୍ଗ ବିଶିଷ୍ଟ।

**ସ୍ପେନ୍ :** ରେଡ୍ କାର୍‌ନେସନ୍ ସ୍ପେନ୍‌ର ଜାତୀୟ ଫୁଲ। ଏହା ମଧ୍ୟ କ୍ଲାଭେଲ ଫୁଲ ଭାବରେ ବେଶ୍ ପରିଚିତ। ସ୍ପେନ୍‌ର ଜାତୀୟତାବୋଧକୁ ସମ୍ମାନଦେବା ପାଇଁ ଏହି ଫୁଲକୁ ପ୍ରାଚୀନ କାଳରୁ ବ୍ୟବହାର କରାଯାଇଆସୁଛି। ଶେଷରେ ଏହାକୁ ଦେଶର ଜାତୀୟ ଫୁଲ ଭାବରେ ଚୟନ କରାଯାଇଥିଲା।

**ପର୍ତ୍ତୁଗାଲ :** ବାସ୍ନାରେ ମନକୁ ଆନମନା କରୁଥିବା ଲାଭେଣ୍ଡରକୁ ପର୍ତ୍ତୁଗାଲର ଜାତୀୟ ଫୁଲ ଭାବରେ ଗ୍ରହଣ କରାଯାଇଛି। ବାଇଗଣୀ ରଙ୍ଗ ବିଶିଷ୍ଟ ଏହି ଫୁଲର ଚାହିଦା ଉକ୍ତ ଦେଶରେ କାହିଁରେ କେତେ। ଏହି ଦେଶର ଲୋକେ ଉକ୍ତ ଫୁଲଟିକୁ ତାଙ୍କ ତକିଆ ତଳେ ଦେଇ ଶୋଇଥାନ୍ତି।

**ଥାଇଲାଣ୍ଡ :** ରାଟ୍‌ଚାଫ୍ରୁରେକ୍ ଥାଇଲାଣ୍ଡର ଜାତୀୟ ଫୁଲ। ୨୦୦୧ରେ ଏହାକୁ ଜାତୀୟ ଫୁଲର ମାନ୍ୟତା ମିଳିଛି। ବିଶେଷଭାବରେ ବର୍ଷାଋତୁରେ ହଳଦିଆ ରଙ୍ଗବିଶିଷ୍ଟ ଏହି ଫୁଲ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥାଏ।



# ଆ ଇ ନା



ସଞ୍ଜୀନା ହେମ୍ବ୍ରମ
୯ ବର୍ଷ/ମୟୂରଭଞ୍ଜ



ଆୟୁଷ୍ମାନ ଅଭିଜିତ୍
୭ ବର୍ଷ/ଖୋର୍ଦ୍ଧା